# ଏପିସୋଡ ୪୧

## ଜଳବାୟୁ ପରିବର୍ତ୍ତନ ଓ ବର୍ଷାଚକ୍ର

ମୂଳ ଲେଖା: ହେମନ୍ତ ଲଗଭଣକର

ଓଡ଼ିଆ ରୂପାନ୍ତର: ସୃଜନିକା, ଭୁବନେଶ୍ୱର

ପାତ୍ର ବାବା ୫୦ ବର୍ଷ

ଶିଷ୍ୟ ୩୫ ବର୍ଷ

ମହି ଗାଁ ଲୋକ, ୪୦ ବର୍ଷ

ସୁର ଚାଷୀ, ୪୦ ବର୍ଷ

ସୁନୀତା ସୁରଙ୍କ ସ୍ତ୍ରୀ

ପ୍ରତାପ ପାଣିପାଗ ବିଜ୍ଞାନୀ

ଦୃଶ୍ୟ ୧ ଗାଁ ମୁଣ୍ଡ ଛକ, ଭଜନ ଚାଲିଛି, ବାବାଙ୍କ ପ୍ରବଚନ

ରାଧେ କୃଷ୍ଣ... ହରି ହରି... ମୁକୁନ୍ଦ ବିହାରୀ...

ନିତାଇ ଗୋବିନ୍ଦ ରାଧା ଶ୍ୟମ...

ଧ୍ୱନି: ମୁଁ ଜାଣିଛି ଯେ ଆପଣ ସମସ୍ତେ ଏଠି ମହାଜ୍ଞାନୀ, ମହାତ୍ମା ବାବାଜୀଙ୍କୁ ଶୁଣିବା ପାଇଁ ଦୂର ଦୂରରୁ ଆସିଛନ୍ତି

ମହି: ବୋଲୋ ଶ୍ରୀ ରାଧେଶ୍ୟାମ ବାବାଙ୍କ ଜୟ (ସମସ୍ତେ ଏକାସାଙ୍ଗରେ ଜୟ)

ଶିଷ୍ୟ:ଏବେ ମୁଁ ଆପଣମାନଙ୍କ ଭିତରେ କାନ୍ଥ ହୋଇ ଠିଆ ହେବାକୁ ଚାହୁଁନାହିଁ। ବାବା ମହାଶୟ ଆସିଗଲେଣି। ଜୋରଦାର ସ୍ୱାଗତ...

(ଜୋର ଜୋର ଜୟ ଜୟକାର ଶୁଣାଯାଉଛି)

ବାବା:(ଆଶ୍ଚର୍ଯ୍ୟ ହୋଇ, ଭକ୍ତି ଭାବରେ) ଓମ୍ ନମଃ ଶିବାୟଃ... ଶିବାୟଃ... ଭକ୍ତଗଣ... ଆପଣମାନେ ଜାଣିପାରୁନାହାନ୍ତି, ଆପଣମାନେ କେତେ ଭାଗ୍ୟବାନ। ଭଗବାନ ଶିବ ସ୍ୱୟଂ ଆପଣମାନଙ୍କ ସହ ପ୍ରବଚନ ଶୁଣିବା ପାଇଁ ଆସିଛନ୍ତି। ଆପଣମାନେ ତାଙ୍କୁ ଦେଖିପାରୁନାହାନ୍ତି, କିନ୍ତୁ ସେ ଆପଣ ସମସ୍ତଙ୍କ ଉପରେ ଆଶୀର୍ବାଦ ବର୍ଷା କରୁଛନ୍ତି... ଜୟ ଜୟ ଶିବଜୀ ଜୟ...

(ସମସ୍ତେ ନିଜ ନିଜ ଭିତରେ ଫୁସଫୁସ କଥା ହେଉଛନ୍ତି)

ବାବା:ହସୁଛନ୍ତି... ଏ କ'ଣ? ଆପଣ ଭଗବାନଙ୍କୁ ଦେଖିପାରୁନାହାନ୍ତି... କିନ୍ତୁ ମୁଁ ଦେଖିପାରୁଛି... ମୁଖମଣ୍ଡଳରେ ଚମକ, ସାରା ଆଭାମଣ୍ଡଳ ପ୍ରକାଶିତ... ଆହାହା... ଓମ୍ ନମ ଶିବାୟ, ଶିବଙ୍କ ଆଶୀର୍ବାଦ ଆମ ସମସ୍ତଙ୍କ ଉପରେ ରହିଛି। ସେଥିପାଇଁ ଶିବଭକ୍ତଗଣ ଭୟ କରନାହିଁ, ଭଗବାନଙ୍କ ହାତ ଆପଣ ସମସ୍ତଙ୍କ ଉପରେ ରହିଛି, ସମସ୍ତ ସମସ୍ୟା

ଦୂର ହୋଇଯିବ।

ସୁର: ହେ ବାବା, ଆମର ଗୋଟିଏ ସମସ୍ୟା ଆଉ ସେଇଟା ହେଉଛି ବର୍ଷା ନ ହେବା।

ବାବା:(ଚାରିଆଡ଼କୁ ଦେଖି) କ'ଣ କହିଲ... କିଏ କହିଲା ବର୍ଷା ସମସ୍ୟା ରହିଛି?

ସୁର: (ଡରିଯାଇ) କ୍ଷମା କରନ୍ତୁ ବାବା। ମୁଁ ହିଁ ପ୍ରଶ୍ନ କରିଥିଲି। ଆପଣ କହିଥିଲେ ସବୁ ସମସ୍ୟାର ସମାଧାନ ହୋଇଯିବ।

ବାବା:ଏଇଟା ଏତେ ଜରୁରୀ ନୁହେଁ... ଛୋଟ କଥାଟେ..

ସୁର: କିନ୍ତୁ ବାବା, ଆଜି ଏହା ହିଁ ଆମ ପାଇଁ ସବୁଠାରୁ ବଡ଼ ସମସ୍ୟା। ଆଉ ଆପଣ ତ କହିଥିଲେ ଏଠି ସମସ୍ତ ସମସ୍ୟାର ସମାଧାନ ହେବ।

ବାବା:(ଗମ୍ଭୀର ସ୍ୱରରେ) ତମକୁ ମୋ ଉପରେ ବିଶ୍ୱାସ ନାହିଁ?

ସୁର: ନାଇ ବାବା, ଏମିତି ନୁହେଁ...

ବାବା:(ରାଗିଯାଇ) କ'ଣ ଏମିତି ନୁହେଁ... ତମେ କିଏ ଆଉ କୋଉଠୁ ଆସିଛ? କ'ଣ କାମ କର?

ସୁର: ବାବା, ମୁଁ ଜଣେ ଚାଷୀ

ବାବା:ହୁଁ...

ସୁର: ସେଥିପାଇଁ ବାବା ମୁଁ ଚିନ୍ତିତ। ବର୍ଷା ହେଉନାହିଁ, ଫସଲ ଶୁଖି ଯାଉଛି। ଆଉ କିଛିଦିନ ଡେରି ହୋଇଗଲେ ସବୁକିଛି ନଷ୍ଟ ହୋଇଯିବ।

ବାବା:ତମେ କ'ଣ ଭାବୁଛ ମତେ ଏ ସବୁ ଜଣାନାହିଁ। ମୁଁ ସବୁକିଛି ଜାଣିଛି... ମୁଁ ଏଠି ନ ଥିଲେ ବି ସବୁକିଛି ଜାଣିପାରନ୍ତି...

ଶିଷ୍ୟ:ବୋଲୋ ରାଧେଶ୍ୟାମ ବାବାଙ୍କର ଜୟ। (ସମସ୍ତେ ଏକା ସାଙ୍ଗରେ ଜୟ)

ବାବା:ମୋର ପ୍ରିୟ ଭକ୍ତଗଣ, ତମର ସବୁ ସମସ୍ୟା ବିଷୟରେ ମୁଁ ଜାଣିଛି ଆଉ କହୁଛି ଯେ ଏ ସବୁ ସମସ୍ୟା ତମ ଜୀବନରୁ ଶେଷ ହୋଇଯିବ। ପରନ୍ତୁ...

ମହି: (ପଚାରିଲା ଭଳି) ପରନ୍ତୁ କ'ଣ କରିବାକୁ ହେବ ବାବା?

ବାବା:ଏଥିପାଇଁ ତମକୁ ନିଜକୁ ଭଗବାନ ଶିବଙ୍କୁ ସମର୍ପଣ କରିବାକୁ ହେବ।

ସମସ୍ତେଏକା ସାଙ୍ଗରେ: ଆମେ ପ୍ରସ୍ତୁତ ବାବା।

ବାବା:ଆଚ୍ଛା ତାହେଲେ ଶୁଣ... ଏଥିପାଇଁ ତମମାନଙ୍କୁ ଭଗବାନ ଶିବଙ୍କୁ କିଛି ପ୍ରସାଦ ଚଢ଼େଇବାକୁ ହେବ। ତମମାନଙ୍କ ଭିତରେ କେହି ଏହାର ଦାୟିତ୍ୱ ନେଇ ପାରିବେ? ତମେ... ହୁଁ... ତମେ ମହୀ...

ମହି: (ଆଶ୍ଚର୍ଯ୍ୟ ହୋଇ) ବାବା ଆପଣ ମୋ ନାଁ ଜାଣିଛନ୍ତି?

ବାବା:(ହସି ହସି) ମୁଁ ସବୁକିଛି ଜାଣିଛି...

ମହି: ଏ ତ ମୋର ସୌଭାଗ୍ୟ ବାବା।

ବାବା:ଏଥିପାଇଁ ସୋମବାର ଦିନ କ୍ଷୀର, ଘିଅ, ଚିନି, ମହୁ, ଅଟା ସବୁ ଏକାଠି କରି ଏଇଠି ଆସି ପହଞ୍ଚିବ।

ମହି:  ଠିକ ଅଛି ବାବା। ଏ ସବୁ କାମ ହୋଇଯିବ।

ବାବା:କିନ୍ତୁ ମନେରଖିବ ଯେ...

ମହି:  କ'ଣ ବାବା?

ବାବା:ସବୁ ଜିନିଷର ଓଜନ ୧୬ ୧୬ କିଲୋ ହେବା ଦରକାର।

ସମସ୍ତେ: (ଆଶ୍ଚର୍ଯ୍ୟ ହୋଇ) ୧୬ ୧୬ କିଲୋଗ୍ରାମ!! ସବୁ ଏକା ଓଜନର!!

ବାବା:ଯଦି ଏମିତି ନ କରିବ ତାହେଲେ ତମ ଇଛା ପୂରଣ ହେବନାହିଁ।

ମହି:  ହଁ ବାବା, ଏମିତି ହିଁ ହେବ, ଆପଣ ଚିନ୍ତା କରନ୍ତୁନାହିଁ...

ବାବା:(ହସି ହସି) ଚିନ୍ତା... ମୋଟେନୁହେଁ... ଏସବୁ ତ ତମମାନଙ୍କ ପାଇଁ...

ମହି:  ଠିକ ଅଛି ବାବା।

ବାବା:ହଁ ଆଉ ଗୋଟିଏ କଥା ମନେରଖିବ...

ମହି:  କ'ଣ ବାବା?

ବାବା:ତମକୁ ୧୬ ହଜାର ଟଙ୍କା ବି ଏକାଠି କରିବାକୁ ହେବ।

ସମସ୍ତେ: ୧୬ ହଜାର ଟଙ୍କା... କୋଉଠୁ ଆସିବ?

ବାବା:ତମେମାନେ ସମସ୍ତେ ମିଶି ଏହି ଟଙ୍କା ଏକାଠି କରିପାରିବ। ବର୍ଷା ଆଉ ଫସଲ କଥା ଟି...

ମହି:  ବାବା, ଯେମିତି ହେଉ ଆମେ ଏସବୁ ଯୋଗାଡ଼ କରିବୁ।

ବାବା:ଠିକ ଅଛି। ପ୍ରସ୍ତୁତି ଏବେଠାରୁ ଆରମ୍ଭ କରିଦିଅ। ଭୋଲା ଶଙ୍କର ତମ

ସହ ଅଛନ୍ତି।

ଦୃଶ୍ୟ ୨, ଭଜନ ଗୀତ, ସୁର ସ୍ତ୍ରୀ ସୁନୀତା ସହ କଥା ହେଉଛି

ସୁର: ସୁନୀତା ଆରେ ଓ ସୁନୀତା... ମୁଁ ଏଠି ଦୁଇଶହ ଟଙ୍କା ରଖୁଛି, ମହି ଆସିଲେ ତାକୁ ଦେଇଦେବ।

ସୁନୀତା: କାଇଁ... ତମେ କ'ଣ ତାଙ୍କଠାରୁ ଧାର ନେଇଥିଲ/

ସୁର: ନା ସୁନୀତା, ମୁଁ କାହାଠାରୁ ଧାର ନେଇନାହିଁ। ଏ ତ କିଛି ସାମୁହିକ କାର୍ଯ୍ୟ ପାଇଁ...

ସୁନୀତା: କୋଉ ସାମୁହିକ କାର୍ଯ୍ୟ? ମୁଁ ବୁଝିପାରିଲିନାହିଁ...

ସୁର: ସୁନୀତା ତମେ ଭୁଲିଗଲ, କାଲି ତ ମୁଁ କହିଥିଲି...

ସୁନୀତା: ଆଚ୍ଛା!!! ମନ୍ଦିରର ସେ ବାବାଙ୍କ ପାଇଁ...

ସୁର: ହଁ...

ସୁନୀତା: ଆଁ... ଏ କ'ଣ? ତମେ ଜାଣିଛ ଘର କେମିତି ଚାଲୁଛି। ଆମ ପାଖରେ ବେକାର ପଇସା ନାହିଁ। ଏହିଭଳି ସ୍ଥିତି ଲାଗିରହିଲେ ଘର ଚଳେଇବା କଷ୍ଟ ହୋଇଯିବ।

ସୁର: ହଁ ସୁନୀତା, ମୁଁ ଜାଣିଛି। ପରନ୍ତୁ ଏ ସବୁ ତ ସ୍ଥିତି ସୁଧାରିବା ପାଇଁ କରୁଛି।

ସୁନୀତା: (ରାଗି ଯାଇ) ଏଥିରେ ଆମର ସ୍ଥିତି କିଛି ସୁଧୁରିବନି, ହଁ, ସେ ବାବାର ସ୍ଥିତି ନିଶ୍ଚୟ ସୁଧୁରିବ।

ସୁର: (ଜୋର ପାଟିରେ) ସୁନୀତା, ତମେ ବାବାଙ୍କ ବିଷୟରେ କ'ଣ ଏମିତି କହୁଛ? ରାଧେଶ୍ୟାମ ବାବା ସବୁ ଜାଣିଛନ୍ତି, ସେ ଅନ୍ତର୍ଯ୍ୟାମୀ, ମୁଁ ଯେତେବେଳେ ମୋ ସମସ୍ୟା କଥା କହିଲି ସେ ଏହିଭଳି ପ୍ରସ୍ତାବ ଦେଇଛନ୍ତି। ସେ ମୋ କଥା ନ ଶୁଣି ବି ରହିପାରିଥାନ୍ତେ।

ସୁନୀତା: ଶୁଣି ନ ଥାନ୍ତେ କାହିଁକି? ଏ ତାଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ ଥିଲା, ପଇସା ଠକି ନେବା ପାଇଁ।

ସୁର: (ଜୋର ରାଗିଯାଇ) ସୁନୀତା! ବହୁତ ହେଇଗଲା, ଆଉ ବାବାଙ୍କ ବିରୁଦ୍ଧରେ କିଛି ବି କହିବନାହିଁ। ମୁଁ ରାଧେଶ୍ୟାମ ବାବାଙ୍କ ବିରୁଦ୍ଧରେ ଆଉ କିଛି ବି ଶୁଣିବାକୁ ଚାହୁଁନାହିଁ।

(ସୁରଙ୍କ ଘରେ ପ୍ରତାପଙ୍କ ପ୍ରବେଶ)

ପ୍ରତାପ:  ଆରେ ବନ୍ଧୁ, କେମିତି ଅଛ?

ସୁର:  (ଆଶ୍ଚର୍ଯ୍ୟ ହୋଇ) ଆରେ ପ୍ରତାପ, ତମେ!!

ପ୍ରତାପ:  କ'ଣ ଚାଲିଛି? ଏଇ ବାଟ ଦେଇ ଯାଉଥିଲି, ତମର ଜୋର ପାଟି ଶୁଣି ଚାଲି ଆସିଲି। କ'ଣ ହେଇଛି? ଏତେ ରାଗ କାହିଁକି?

ସୁର:  ନାଇଁ କିଛି ନାହିଁ।

ପ୍ରତାପ:  କ'ଣ ଭାଉଜଙ୍କ ଉପରେ ରାଗୁଥିଲ? ଭାଉଜ, କ'ଣ ହେଇଛି? ସବୁ ଠିକଠାକ ତ?

ସୁନୀତା: କିଛି ହେଇନି ଭାଇ, ଆପଣ ବସନ୍ତୁ, ମୁଁ ଚା ନେଇ ଆସୁଛି।

ପ୍ରତାପ: ଠିକ ଅଛି ସୁର, ଏବେ କୁହ କଥା କ'ଣ, କ'ଣ ହେଇଛି?

ସୁର: ସେମିତି କିଛି ନାହିଁ ପ୍ରତାପ।

ପ୍ରତାପ: ମୁଁ ତମ ମୁହଁ ଦେଖି କହିପାରୁଛି ଯେ ସବୁକିଛି ଠିକ ନାହିଁ।

ସୁର: ପ୍ରତାପ, ମୁଁ ସେ ସାମୁହିକ କାର୍ଯ୍ୟ କଥା କହୁଥିଲି...

ପ୍ରତାପ: କୋଉ ସାମୁହିକ କାର୍ଯ୍ୟ?

ସୁର: ଭଲ ବର୍ଷା ହେବା ପାଇଁ ଏଇ ସାମୁହିକ କାର୍ଯ୍ୟ କରାଯାଉଛି।

ପ୍ରତାପ: (ହସୁଛନ୍ତି) ସୁର, ତମେ ଥଟ୍ଟା କରୁଛ!!

ସୁର: ନାଇଁ ପ୍ରତାପ, ମୁଁ ଠିକ କହୁଛି। ରାଧେ ବାବା କହୁଥିଲେ ଯେ ଭଲ ବର୍ଷା ପାଇଁ ଏସବୁ ଦରକାର...

ପ୍ରତାପ: ଆଉ ତମେ ତାଙ୍କ ଉପରେ ବିଶ୍ୱାସ କରି ଗଲ?

ସୁର: ହଁ ଏମିତି ହିଁ ହୋଇଛି। ପ୍ରତାପ, ମୁଁ ନୁହେଁ, ସେଠି ଯେତେ ବି ଲୋକ ଥିଲେ ସମସ୍ତେ ଏଥିରେ ଯୋଗଦାନ କରିବାର କଥା ଦେଇଛନ୍ତି।

ପ୍ରତାପ: କି ଅଦ୍ଭୁତ କଥା? ଏଥିରେ କିଛି ବର୍ଷା ହେବାର ନାହିଁ। ସେ ଠକ ବାବା ସବୁ କିଛି ଠକି ନେଇଯିବ, ଯାହା ତମର ଅଛି ସେସବୁ ତାର ହୋଇଯିବ। ବୁଝିଲ...

ସୁର: ପ୍ରତାପ, ତମେ ବି ସୁନୀତା କଥାରେ ଏକମତ ହେଉଛ?

ପ୍ରତାପ: ଆଚ୍ଛା! କହିଲ ଦେଖି, ଏଥିରେ ଭୁଲ କେଉଁଠି? ମନଦେଇ ଶୁଣ, କୌଣସି ବାବା ବର୍ଷା କରାଇ ପାରିବନାହିଁ। ତମେ ସେ ରାଧେବାବାଙ୍କ

ଶିଷ୍ୟ ହୋଇପାର, କିନ୍ତୁ ମୋ କଥା ବି ବିଶ୍ୱାସ କର...

ସୁର: କାହିଁକି?

ପ୍ରତାପ: (ହସି ହସି) ସିଧାସଳଖ ଉତ୍ତର। ମୁଁ ଜଣେ ପାଣିପାଗ ବିଜ୍ଞାନୀ, ଏସବୁ ବିଷୟରେ ପଢ଼ିଛି ଆଉ ଏହା ଉପରେ ଅଧିକ ଗବେଷଣା କରିଛି। ମୁଁ ଜାଣିଛି ଭଲ ବର୍ଷା ହେବା ପାଇଁ କ'ଣ କାରକ ଅଛି ଏବଂ ମରୁଡ଼ି ପଡ଼ିବା ପଛରେ କାରଣ କ'ଣ? ତମ ବାବା, ଏ ବିଷୟରେ କିଛି ବି କରିପାରିବେ ନାହିଁ। ସେ ସବୁ ଗାଁ ଲୋକଙ୍କୁ ମୂର୍ଖ ବନଉଛି।

(ସଙ୍ଗୀତ)

ସୁନୀତା: ଭାଇ, ମୁଁ ବି ତ ଏଇ କଥା କହୁଛି। କିନ୍ତୁ ମୋ କଥା କିଏ ଶୁଣୁଛି? ହଉ ଚା ନିଅନ୍ତୁ।

ପ୍ରତାପ: ଭାଉଜ, ଆପଣ ଠିକ କହିଛନ୍ତି।

ସୁର: ଦେଖ ପ୍ରତାପ। ଏବେ ମୁଁ ଆଉ କ'ଣ କରିପାରିବି? ତମ ଦୁହିଁଙ୍କୁ ମୋର ଏଇ ପ୍ରାର୍ଥନା ଯେ ଗାଁର ସବୁ ଲୋକଙ୍କୁ ଏକଥା ବୁଝାଇ ଦିଅ। ଯଦି ସବୁଲୋକ ଏହି କାମ ପାଇଁ ଯୋଗଦାନ ଦେଉଛନ୍ତି, ଆମେ ମନା କରିବା ଠିକ ହେବନାହିଁ।

ପ୍ରତାପ: ମନଦେଇ ମୋ କଥା ଶୁଣ। ଆଶାକରୁଛି ଯେ ତମେ ନିଜେ ଏ ବିଷୟରେ ଗମ୍ଭୀରତା ସହ ବିଚାର କରିବ। ଦେଖ, ବର୍ଷା ଡେରିରେ ଆସିବା କୌଣସି ଅଶୁଭ ଘଟଣା ବା ଦେବୀଦେବତାଙ୍କ କ୍ରୋଧ ସହ ସମ୍ବନ୍ଧିତ ନୁହେଁ। ବର୍ଷା ହେବା ଅନେକ ପ୍ରାକୃତିକ କାରକ ସହ ଯୋଡ଼ା,

ଯେମିତିକି ବାୟୁର ଚାପ, ହିମାଳୟ ଉପରେ ବରଫ ପଡ଼ିବା , ବାୟୁରେ ଆର୍ଦ୍ରତାର ପରିମାଣ, ମହାସାଗରରେ ତାପମାତ୍ରା ଆଦି। ବାସ୍ତବରେ ଏହା ଏକ ପ୍ରାକୃତିକ ଚକ୍ର। ଯଦି କୌଣସି ଗୋଟିଏ ବି କାରକରେ କିଛି ପରିବର୍ତ୍ତନ ଆସେ ତେବେ ବର୍ଷା ଚକ୍ର ଏବଂ ପାଣିପାଗରେ ପରିବର୍ତ୍ତନ ଦେଖାଯାଏ। ବୈଜ୍ଞାନିକ ସବୁବେଳେ ଏହା ଉପରେ ନଜର ରଖିଛନ୍ତି।

ସୁର: ଆଚ୍ଛା! ତାହେଲେ ବୈଜ୍ଞାନିକ କାହିଁକି ବର୍ଷା କରାଉନାହାନ୍ତି?

ସୁନୀତା: ଆଉ କାହାର କ'ଣ ଦରକାର? ପ୍ରତାପ ଭାଇ ତ ବୈଜ୍ଞାନିକ, ସେ ବୁଝେଇଦେବେ, ସେ ତ ପାଣିପାଗ ବିଭାଗରେ କାମ କରୁଛନ୍ତି।

ପ୍ରତାପ: ହଁ ମୁଁ ତମକୁ ଏ ବିଷୟରେ ବୁଝଉଛି...

ସୁର: ତାହେଲେ, କେମିତି... ଆଉ କେବେ? ଏଥିପାଇଁ ସବୁ ପ୍ରକାର ପ୍ରସ୍ତୁତି କରିବାକୁ ହେବ।

ପ୍ରତାପ: ସୁର, ତମେ ବ୍ୟସ୍ତ ହୁଅନାହିଁ, ମୁଁ ମୋର ସବୁ କରିବି, ତମେ ଖାଲି ଦେଖ...

ଦୃଶ୍ୟ ୩ ଗାଁର ଚା ଦୋକାନ, ଚୁଲୀ ଜଳୁଛି, ରେଡିଓ ବାଜୁଛି, ଲୋକମାନେ ନିଜ ନିଜ ଭିତରେ କଥା ହେଉଛନ୍ତି

ପ୍ରତାପ: ଆରେ ମହି, କେମିତି ଅଛ?

ମହି: ଆଜ୍ଞା ଠିକ ଅଛି।

ପ୍ରତାପ: ମହି, ମୁଁ ତମକୁ ହିଁ ଖୋଜୁଥିଲି।

ମହି: (ଆଶ୍ଚର୍ଯ୍ୟ ହୋଇ) ମତେ? କାହିଁକି?

ପ୍ରତାପ: ହଁ...

ମହି: କିନ୍ତୁ କାହିଁକି...

ପ୍ରତାପ: (ହସି ହସି) ପ୍ରକୃତରେ ମୁଁ ବି ବାବାଙ୍କ ସାମୁହିକ କାର୍ଯ୍ୟ ପାଇଁ ଯୋଗଦାନ କରିବାକୁ ଚାହୁଁଛି। ଗାଁଲୋକ କହୁଥିଲେ ଯେ ଏ ଦାୟିତ୍ୱ ବାବା ତମକୁ ଦେଇଛନ୍ତି।

ମହି: ହଁ ଆଜ୍ଞା। କିନ୍ତୁ ମୁଁ ଏବେ ପଇସା ଆଉ ଅନ୍ୟ ଜିନିଷ ସବୁ ଏକାଠି କରିବା ଆରମ୍ଭ କରିନାହିଁ। ଆପଣ ପ୍ରଥମ ବ୍ୟକ୍ତି, ମୁଁ ଆପଣଙ୍କଠାରୁ ଆରମ୍ଭ କରୁଛି।

ପ୍ରତାପ: ମହି ଶୁଣ। ଏବେ ତମେ ଏ କାମ ଆରମ୍ଭ କରିନାହଁ, ମୋର ଗୋଟିଏ ପ୍ରସ୍ତାବ ଅଛି। ଏଥିରେ ତମ କାମ ବି ସହଜ ହୋଇଯିବ।

ମହି: ଠିକ ଅଛି ଆଜ୍ଞା, ମତେ କ'ଣ କରିବାକୁ ହେବ।

ପ୍ରତାପ: ମହି, ଦୁଇଦିନ ପରେ ସବୁ ଗାଁ ଲୋକଙ୍କୁ ନିଜର ଯୋଗଦାନ ଦେବା ପାଇଁ ପଞ୍ଚାୟତ ଜାଗାକୁ ଡାକିଦିଅ। ସବୁ ପଇସା ଏକା ସାଙ୍ଗରେ ଜମା ହୋଇଯିବ। ମୁଁ ତମର ସାହାଯ୍ୟ କରିବି। ତମକୁ ଘର ଘର ବୁଲି ଆଦାୟ କରିବାକୁ ପଡ଼ିବନାହିଁ। ବୁଝିଲ!

ମହି: ଭଲ ପ୍ରସ୍ତବ। ସବୁ ଗାଁଲୋକଙ୍କୁ ପଞ୍ଚାୟତ ଘରେ ଏକାଠି ହେବା ପାଇଁ ମୁଁ ଖବର ପଠଉଛି।

ପ୍ରତାପ: ମୁଁ ବିସେଠି ପହଞ୍ଚିଯିବ। କିନ୍ତୁ ମୁଁ ସବୁ ଗାଁଲୋକଙ୍କ ସହ କଥା ହେବା ପାଇଁ ଚାହିଁବି।

ମହି: ଠିକ ଅଛି ଆଜ୍ଞା। ଏବେ ମୁଁ ଯାଉଛି, ନମସ୍କାର।

ସଙ୍ଗୀତ

ଦୃଶ୍ୟ ୪ ଗାଁର ପଞ୍ଚାୟତ ଘର, ଲୋକମାନେ ଆଲୋଚନା କରୁଛନ୍ତି

ମହି: ଦୟାକରୀ ନିରବ ରହନ୍ତୁ। ମୋ କଥା ମନଦେଇ ଶୁଣନ୍ତୁ। ଆପଣମାନେ ସମସ୍ତେ ଜାଣିଛନ୍ତି ଯେ ଆମେ ପବିତ୍ର ଯଜ୍ଞ କାମ ପାଇଁ ଏକାଠି ହୋଇଛେ। ଏହାର ଆୟୋଜନ ଆସନ୍ତା ସୋମବାର ହେବା କଥା ବି ଆପଣମାନେ ଜାଣିଛନ୍ତି। ଏହା ଫଳରେ ବର୍ଷା ହେବ ଏବଂ ସମୃଦ୍ଧି ଆସିବ। କିନ୍ତୁ ତା ଆଗରୁ ପ୍ରତାପ ଭାଇ କିଛି କହିବେ। ସେଥିପାଇଁ ପ୍ରତାପ ଭାଇଙ୍କୁ ତାଳି ଦେଇ ସ୍ୱାଗତ କରିବା।

(ତାଳି ସ୍ୱର)

ପ୍ରତାପ: ବନ୍ଧୁଗଣ, ଆମେ ଆଜି ଗୋଟିଏ ଗୁରୁତ୍ୱପୂର୍ଣ୍ଣ କାମ ପାଇଁ ଏକାଠି ହୋଇଛେ। ଆମେ ପଇସା ଏକାଠି କରିବା ଆଗରୁ ମୁଁ କିଛି କହିବାକୁ ଚାହୁଁଛି। ଯୋଉ ବିଷୟରେ ମୁଁ କହିବାକୁ ଚାହୁଁଛି ତା ହେଉଛି ବର୍ଷା, ଜଳଚକ୍ର ଏବଂ ମୌସୁମୀ...

ଗାଁ ଲୋକ ୧: ଆମେ ତମ ଭାଷଣ ଶୁଣିବାକୁ ଆସିନାହୁଁ। ଏ ପଇସା ନିଅ ଆଉ ଆମକୁ ଯିବାକୁ ଦିଅ।

(ଲୋକଙ୍କ ପାଟିତୁଣ୍ଡ)

ପ୍ରତାପ: ମୁଁ ଆପଣମାନଙ୍କ ସହ ଏକମତ। କିନ୍ତୁ ଯେତେବେଳେ ଆପଣ ନିଜର କଷ୍ଟ ଉପାର୍ଜିତ ଧନ ଦେଉଛନ୍ତି ସେ ବିଷୟରେ ଟିକିଏ ଗଭୀରତାର ସହ ଚିନ୍ତା କରିବା ବି ଆବଶ୍ୟକ।  ମୁଁ ଆପଣମାନଙ୍କର ବେଶୀ ସମୟ ନେବିନାହିଁ।

ଗାଁଲୋକ ୨:  ଠିକ ଅଛି କ'ଣ କହୁଛ ଜଲ୍‌ଦି କୁହ।

ପ୍ରତାପ:  ମୋର ଗୋଟିଏ ଛୋଟ ପ୍ରଶ୍ନ ରହିଛି। ବର୍ଷା କାହିଁକି ହୁଏ?

ସୁର: ସହଜ ଉତ୍ତର (ହସି ହସି) ଘନ କଳା ବାଦଲ ଯେତେବେଳେ ବରଷେ ସେତେବେଳେ ବର୍ଷା ହୁଏ।

ପ୍ରତାପ: ଠିକ କହିଛ ସୁର। କିନ୍ତୁ ଉତ୍ତର ଏବେ ବି ଅଧା ରହିଛି। ସେ ତ ଏକଥା କିନ୍ତୁ କହିଲେନାହିଁ ଯେ ଘନ କଳା ବାଦଲ ସୃଷ୍ଟି କେମିତି ହୁଏ? କ'ଣ ବାଦଲ ବି ଆମ ଭଳି ଏକାଠି ହୁଅନ୍ତି ତାହେଲେ ସେମାନେ ସମସ୍ତେ ସହଯୋଗ ଦେଇପାରିବେ? (ସମସ୍ତେ ହସୁଛନ୍ତି) କିନ୍ତୁ ଏମିତି ତ ହୁଏନାହିଁ...

ଗାଁଲୋକ ୧:  ତାହେଲେ ସତକଥା କ'ଣ?

ପ୍ରତାପ:  ଆଚ୍ଛା ଘନ କଳା ବାଦଲ କେବଳ ମୌସୁମୀ ଋତୁରେ ହିଁ କାହିଁକି ଦେଖାଯାଏ? ବର୍ଷର କିଛି ନିର୍ଦ୍ଦିଷ୍ଟ ମାସରେ କାହିଁକି ବର୍ଷା ହୁଏ?

ଗାଁଲୋକ ୨: ବର୍ଷା ତ ଶ୍ରାବଣ ଭାଦ୍ରବରେ ଆସେ। ମାନେ ଜୁନରୁ ଆରମ୍ଭ ହୋଇ କହିପାର ଯେ ସେପ୍ଟେମ୍ବର ଯାଏଁ...

ପ୍ରତାପ:  ହଁ, ଘନ କଳା ବାଦଲ କେବଳ ଏଇ ମାସରେ ହିଁ ଦେଖାଯାଏ। ଏ

ବାଦଲ ଅନ୍ୟ ମାସରେ କୁଆଡେ ଗାୟବ ରହେ?

ଗାଁଲୋକ ୨: ହଁ ଠିକ କଥା ତ!

ପ୍ରତାପ: ଆପଣମାନେ ଜାଣିଛନ୍ତି କି ଏମିତି କାହିଁକି ହୁଏ? ବର୍ଷର ବାକି ମାସରେ ବାଦଲ କାହିଁକି ଦେଖାଯାଏ ନାହିଁ!!

(କିଛି ସମୟ ପାଇଁ ସମସ୍ତେ ଚୁପ ହୋଇଯାଉଛନ୍ତି)

ପ୍ରତାପ: ଠିକ ଅଛି ମୁଁ କହିଦେଉଛି। ଏହି ପ୍ରକାର ନିର୍ଦ୍ଦିଷ୍ଟ ସମୟରେ ହେଉଥିବା ବର୍ଷାକୁ ମୌସୁମୀ ବର୍ଷା କୁହାଯାଏ। ଏହା ବର୍ଷର କିଛି ନିର୍ଦ୍ଦିଷ୍ଟ ମାସରେ ହିଁ ହୁଏ...

ସୁନୀତା: ଭାଇ, ଏ କେବଳ କିଛି ମାସରେ ହିଁ କାହିଁକି ହୁଏ?

ପ୍ରତାପ: ବହୁତ ଭଲ ପ୍ରଶ୍ନ। ମୌସୁମୀ ବାୟୁର ଗୋଟିଏ ଚକ୍ର। ବର୍ଷ ଭିତରେ ସେ ତା'ର ଦିଗ ଦୁଇଥର ବଦଳେଇଥାଏ। ଛଅ ମାସ ଏହାର ଦିଗ ଉତ୍ତର ପୂର୍ବ ଆଡ଼କୁ ବହିଥାଏ ବାକି ଛଅ ମାସ ଏହା ଦକ୍ଷିଣ ପଶ୍ଚିମ ଆଡ଼କୁ ବହିଥାଏ। ଭାରତର ମୌସୁମୀ ଚକ୍ର ସାରା ଦୁନିଆରେ ଗୋଟିଏ ସ୍ୱତନ୍ତ୍ର ଧରଣର ଜଳଚକ୍ର। ଶୀତଦିନେ ଏହା ଉତ୍ତର ପୂର୍ବ ଦିଗ ଆଡ଼କୁ ବହିଥାଏ ଏବଂ ଖରାଦିନେ ଏହାର ଦିଗ ବଦଳିଯାଇ ଦକ୍ଷିଣ ପଶ୍ଚିମ ହୋଇଯାଏ। କାରଣ ଖରାଦିନେ ଏହି ବାୟୁ ସମୁଦ୍ରରୁ ସ୍ଥଳଭାଗ ଆଡ଼କୁ ବହେ ଫଳରେ ସେ ଜଳୀୟବାଷ୍ପ ତା ସହିତ ଆଣେ। ଜଳୀୟବାଷ୍ପ ଭରା ଏହି ବାୟୁ ଆମ ଦେଶରେ ବର୍ଷା କରାଏ।

ଗାଁଲୋକ ୧: (କାଶି କାଶି) ପୁଅ, ତମେ ଠିକ କହିଛ। କିନ୍ତୁ ଏଥର ତ ବହୁତ

ଡେରି ହୋଇଗଲାଣି। ଆମେ ବହୁତ ଦିନ ଧରି ବର୍ଷାକୁ ଅପେକ୍ଷା କରିଛୁ।

ପ୍ରତାପ: ଦାଦା, ତମ ଅବସ୍ଥା କଥା ମୁଁ ଜାଣୁଛି। ଏବର୍ଷ କାହିଁକି ଡେରି ହେଲା ସେଇ ବିଷୟରେ କହିବା ପାଇଁ ମୁଁ ଆସିଛି।

ଗାଁଲୋକ୨: ଓହୋ ତାହେଲେ ଏମିତି କଥା!!

ପ୍ରତାପ: ଆମ ଗାଁରେ ମରୁଡ଼ି ଅବସ୍ଥା ଆସିଛି। ଆଉ ସେପଟେ ଦେଖ ରାଜସ୍ଥାନରେ ବନ୍ୟା ଆସିଛି, ସେ ତ ମରୁଭୂମି।

ସୁର: ମରୁଭୂମିରେ ବନ୍ୟା!!

ପ୍ରତାପ: ଏବର୍ଷ ସେଠି ବହୁତ ବର୍ଷା ହୋଇଛି।

ମହି: ସେଥିପାଇଁ ବାବା ଆମକୁ ଯଜ୍ଞ କରିବାକୁ କହିଛନ୍ତି। ଏମିତି କଲେ ସବୁ କଷ୍ଟ ଦୂର ହୋଇଯିବ।

ପ୍ରତାପ: (ମଝିରେ କଥା କହି) ମହି ରହିଯାଅ। ମୁଁ ମୋ କଥା ସାରିଦିଏ। ହଁ, ବର୍ଷା କାହିଁକି ହେଉନାହିଁ ମୁଁ ସେ ବିଷୟରେ କହୁଥିଲି। ଆରମ୍ଭ ତ ଠିକଠାକ ଥିଲା। କିନ୍ତୁ ତା ପରେ ଏଇ ତିନି ସପ୍ତାହ ବର୍ଷା ଅଟକିଯିବା...

ସମସ୍ତେ: ହଁ ସେଇ କଥା ତ...

ପ୍ରତାପ: କେତେ ଥର ଏତେ ବର୍ଷା ହୁଏ ଯେ ଜମି ସବୁ ପାଣିରେ ପୂରା ଭରିଯାଏ। ଗୋଟିଏ ପ୍ରକାର ଅସାଧାରଣ ସ୍ଥିତି। ଗବେଷକମାନେ ୧୯୧୬ ମସିହାରୁ ନେଇ ୨୦୧୩ ମସିହା ଯାଏଁର ତଥ୍ୟ ସବୁ ଅଧ୍ୟୟନ କଲେ। ଦେଖାଗଲା ଯେ ଶତକଡ଼ା ପ୍ରାୟ ୧୦ ଭାଗ ଜିଲ୍ଲାରେ ବର୍ଷାର ପରିମାଣ ବଢୁଛି ଆଉ ଶତକଡ଼ା ୧୫ ଭାଗ ଜିଲ୍ଲାରେ ହାରାହାରି ବର୍ଷା

କମ୍ ହେଉଛି।

ଗାଁଲୋକ ୧: ଆମ ଗାଁ କ'ଣ ସେଇ ୧୫ ଭାଗ ଭିତରେ ଆସୁଛି?

ପ୍ରତାପ: ତଥ୍ୟ ଅନୁସାରେ ଉତ୍ତର ପଶ୍ଚିମ ଅଞ୍ଚଳ ଯେଉଁଠି ଉତ୍ତରାଖଣ୍ଡ ଆସୁଛି ସେଠି ମେ ଜୁନ ମାସରେ ବର୍ଷା ପରିମାଣ ଶତକଡ଼ା ୨ ଭାଗ ବଢ଼ିଛି, କିନ୍ତୁ ଜୁଲାଇ ଅଗଷ୍ଟରେ ବହୁତ କମିଯାଇଛି। ମୋ ମତରେ ପାଣିପାଗରେ ହେଉଥିବା ପରିବର୍ତ୍ତନର କାରଣ ଯୋଗୁ ଏମିତି ହେଉଛି। କେଉଁଠି ମରୁଡ଼ି ତ ଆଉ କେଉଁଠି ବନ୍ୟା, ମାନେ ଅସାମାନ୍ୟ ବର୍ଷା।

ସୁର: ଆଚ୍ଛା କୁହ ତ, ମରୁଡ଼ି ଆଉ ବର୍ଷାର ଏଇ ଚକ୍ର କେତେ ଲମ୍ବା ଯାଏଁ ରହିବ?

ପ୍ରତାପ: ତିନି ବା ତାଠାରୁ ଅଧିକ ଦିନ ଯାଏଁ ଏଇ ଅବସ୍ଥା ମାନେ ଅତି ବର୍ଷା ବା ଶୁଖା ଅବସ୍ଥା ରହିପାରେ। ଏଭଳି ସ୍ଥିତି ମଧ୍ୟ ଭାରତରେ ଅଧିକ ଦେଖିବାକୁ ମିଳିଥାଏ।

ମହି: ତେବେ ଏସବୁ ପଛରେ କାରଣ କ'ଣ?

ଗାଁଲୋକ ୨: ଆଉ ମରୁଡ଼ି ସ୍ଥିତିକୁ ସାମନା କରିବା ପାଇଁ ଆମକୁ କ'ଣ କରିବାକୁ ହେବ?

(ଲୋକ ନିଜ ନିଜ ଭିତରେ କଥା ହେଉଛନ୍ତି)

ପ୍ରତାପ: ମନ ଦେଇ ଶୁଣ। ମୁଁ କହୁଛି। ଏବେ ତ ଆପଣମାନେ ବୁଝିଯିବେଣି ଯେ ବର୍ଷା ଗୋଟିଏ ପ୍ରାକୃତିକ ଚକ୍ର, ଏହା ସ୍ୱତନ୍ତ୍ର ପରିସ୍ଥିତି ଦ୍ୱାରା ନିର୍ଦ୍ଧାରିତ ଏବଂ ନିୟନ୍ତ୍ରିତ ହୋଇଥାଏ। ଆଜିକାଲି ଅତ୍ୟଧିକ ବର୍ଷା ବା

ମରୁଡ଼ି ସ୍ଥିତି ଅତ୍ୟଧିକ ଦେଖିବାକୁ ମିଳୁଛି। ପାଣିପାଗର ଚକ୍ର ବଦଳି ଯାଉଛି ଆଉ ବର୍ଷାର ସ୍ୱରୂପ ବି ବଦଳୁଛି।

ମହି: କିନ୍ତୁ କାହିଁକି?

ପ୍ରତାପ: ଏହାର ମୁଖ୍ୟ କାରଣ ହେଉଛି ବିଶ୍ୱ ଉଷ୍ମାୟନ ଏବଂ ଜଳବାୟୁ ପରିବର୍ତ୍ତନ। ପ୍ରକୃତିରେ ହଜାର କିଲୋମିଟର ଦୂରରେ ଘଟୁଥିବା ଘଟଣା ଆମର ଏଠି ଜଳଚକ୍ରକୁ ପ୍ରଭାବିତ କରୁଛି।

ମହି: ଆଚ୍ଛା!! ଏମିତି କଥା!!

ପ୍ରତାପ: ବିଶ୍ୱ ଉଷ୍ମାୟନ ସହି ଆଉ କିଛି କାରକ ବି ଏଥିଲେ ସାମିଲ। ଯେମିତିକି ଏଲ ନିନୋ, ଏହା ଆମ ଦେଶରେ ହେବାକୁ ଥିବା ବର୍ଷାକୁ ବହୁତ ଭାବରେ ପ୍ରଭାବିତ କରେ। ହିମାଳୟର ହିମପ୍ରବାବ ଦ୍ରୁତ ଗତିରେ ତରଳିଯାଉଛି । ଏହା ଯୋଗୁ ବି ଆମର ଏଠିକି ଆସିବାକୁ ଥିବା ବର୍ଷା ପ୍ରଭାବିତ ହେଉଛି। ପରିବର୍ତ୍ତିତ ପାଣିପାଗରେ ମରୁଡ଼ି ଆଉ ବନ୍ୟାର ସମ୍ଭାବନା ବଢ଼ିପାରେ। ସ୍ଥିତିକ ବଦଳାଇବା ପାଇଁ ଆପଣ ସମସ୍ତଙ୍କୁ ମିଶିକି ଚେଷ୍ଟା କରିବାକୁ ହେବ। ବାବାଙ୍କ ଚକ୍କରରେ ସମୟ ଆଉ ଧନ ନଷ୍ଟ କରନାହିଁ।

ଗାଁଲୋକ ୧: କିନ୍ତୁ ଆମେ କ'ଣ କରିପାରିବୁ?

ପ୍ରତାପ: ନିଜ ଚାଷ ଯୋଜନାକୁ ପରିବର୍ତ୍ତିତ ପରିସ୍ଥିତି ଅନୁସାରେ କରିବାକୁ ହେବ। ବୈଜ୍ଞାନିକ ପଦ୍ଧତିକୁ ଗ୍ରହଣ କରିବାକୁ ହେବ। ରେଡିଓ ଟିଭି ଆଦିରେ କୃଷି ବୈଜ୍ଞାନିକ ଯେଉଁ ପ୍ରସ୍ତାବ ସବୁ ଦେଉଛନ୍ତି ତାକୁ

ମନଦେଇ ଶୁଣିବା ଆଉ କାମରେ ଲଗାଇବା। ପ୍ରାକୃତିକ ବିପର୍ଯ୍ୟୟ ସହ ଲଢ଼ିବା ମଧ୍ୟ ଶିଖିବାକୁ ହେବ।

ମହି: ତା ମାନେ?

ପ୍ରତାପ: ମୋ କହିବାର କଥା ହେଉଛି ଯେତେବେଳେ ଭଲ ବର୍ଷା ହେଉଛି ପାଣି ସଂରକ୍ଷିତ କରି ରଖିନିଅ। ଆମକୁ ଉପଲବ୍ଧ ପାଣିକୁ ଆମେ ଠିକରେ ରଖିପାରୁନାହେଁ କି ବ୍ୟବାହରରେ ଲଗାଇ ପାରୁନାହେଁ। ଉତ୍ତମ କିସମର ବିହନ ବ୍ୟବହାର କରିବା ଦିଗରେ ବି ଆମକୁ ଧ୍ୟାନ ଦେବାକୁ ହେବ।

ଗାଁଲୋକ: କିନ୍ତୁ ଏସବୁ କେମିତି ହେବ?

ପ୍ରତାପ: ଏ କାମ ନିଜ ନିଜ ଭିତରେ ସହଯୋଗ କରି ହିଁ ସମ୍ଭବ ହେବ ଆଉ ଯୋଉଁଥି ପାଇଁ ଆମେ ଆଜି ଏକାଠି ହୋଇଛେ। ଧନର ଉପଯୋଗ କିଛି ଭଲ କାମ ପାଇଁ କର। ପ୍ରକୃତିର ସଂରକ୍ଷଣ ପାଇଁ କର। ବିଷ୍ୱ ଉଷ୍ମାୟନ ଆଉ ଜଳବାୟୁ ପରିବର୍ତ୍ତନ ମଣିଷ ଯୋଗୁ ହେଉଛି। ଏହାକୁ ଠିକ କରିବା ପାଇଁ ଆମକୁ ହିଁ ଆଗେଇ ଆସିବାକୁ ହେବ।

ସୁର: ଭାଇ ପ୍ରତାପ, ତମେ ପୂରା ଠିକ କହିଲ। ଆମକୁ ଆମର ଭୁଲକୁ ସୁଧାରିବାକୁ ହେବ। ଆମ ଆଖି ଖୋଲିଦେଇଥିବା ଯୋଗୁ ତମକୁ ବହୁତ ବହୁତ ଧନ୍ୟବାଦ। ଆମେ ତୁମ ସହିତ ଅଛୁ।

ସମସ୍ତେ: ହଁ ହଁ ଆମେ ତମ ସହିତ ଅଛୁ।

ଗାଁଲୋକ ୧: କୁହ, ପ୍ରତାପ ଭାଇ କି...

ସମସ୍ତେ: ଜୟ...